**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା**

**ଦାବି ପ୍ରକ୍ରିୟା**

ଏହି ଯୋଜନା ସମ୍ପର୍କିତ ରାଜ୍ୟ/କେନ୍ଦ୍ରଶାସିତ ରାଜ୍ୟ କ୍ଷେତ୍ରର ଫସଲ ବୀମା ଉପରେ ରାଜ୍ୟ ସ୍ତରୀୟ ସମନ୍ୱୟ ସମିତି ଗୁଡ଼ିକରେ କରା ଯାଇଥିବା ନିର୍ଣ୍ଣୟ ଅନୁଯାୟୀ ଚୟନ କରା ଯାଇଥିବା ପରିଭାଷିତ କ୍ଷେତ୍ର ଗୁଡ଼ିକରେ "କ୍ଷେତ୍ର ଦୃଷ୍ଟିକୋଣ"ର ସିଦ୍ଧାନ୍ତ ଉପରେ ସଂଚାଳିତ ହୋଇଥାଏ ଯାହା ବୀମା ଏକକ (ଆଇୟୁ), ଆଧାର ଫସଲ ଏବଂ ପରିଭାଷିତ କ୍ଷେତ୍ର କୁହା ଯାଇଥାଏ । ଏହି ଏକକ ଗୁଡ଼ିକରେ ପ୍ରମୁଖ ଫସଲ ପାଇଁ ଗ୍ରାମ/ଗ୍ରାମ ପଂଚାୟତ ଅଥବା କୌଣସି ଅନ୍ୟ ସମକକ୍ଷ ଏକକ ଉପରେ ଲାଗୁ କରା ଯାଇଥିବା ବୀମା ଏକକ ଭାବେ ଅଧିସୂଚିତ କରା ଯାଇଥାଏ । ଅନ୍ୟ ସମସ୍ତ ଫସଲ ପାଇଁ ଏହି ଗ୍ରାମ/ଗ୍ରାମ ପଂଚାୟତର ସ୍ତରରୁ ଉପର ଆକାରର ଏକକ ହୋଇ ପାରେ ।

ମୁଖ୍ୟ ଦାବି ଗୁଡ଼ିକର ପୈଠ କ୍ଷେତ୍ରର ଦୃଷ୍ଟିକୋଣ ଆଧାରରେ ନିମ୍ନଲିଖିତ ଅନୁଯାୟୀ କରାଯିବ :

- ରାଜ୍ୟକୁ ଅଧିସୂଚିତ ବୀମା ଏକକ କ୍ଷେତ୍ରର ସ୍ତର ଉପରେ ଫସଲ କାଟିବା ପ୍ରୟୋଗ (ସିସିଇ)ର ଆବଶ୍ୟକ ସଂଖ୍ୟା ଆୟୋଜିତ କରିବାକୁ ହେବ ।
- ସିସିଇ ଆଧାରିତ ଉତ୍ପାଦନର ଶତକଡ଼ା ବୀମା କମ୍ପାନୀକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ଦ୍ଧାରିତ ଅଧିସୂଚିତ ବୀମା ଏକକ କ୍ଷେତ୍ରରେ ହୋଇଥିବା ଦାବି ଗୁଡ଼ିକର ଗଣନା କରିବା ପାଇଁ ଜମା କରାଯିବ ।

ଫସଲର ନିମ୍ନଲିଖିତ ଚରଣ ଏବଂ ଫସଲର କ୍ଷୟକ୍ଷତିର କାରଣରୁ ହେଉଥିବା ନଷ୍ଟ ମଧ ଏହି ଯୋଜନାର ଅନ୍ତର୍ଗତ ଆସିଥାଏ ।

**କ. ନିଷ୍ଫଳ ବିହନ ବୁଣିବା/ରୋପଣ ବିପଦ :** ନିଷ୍ଫଳ ବିହନ ବୁଣିବା/ରୋପଣ ବିପଦ, ପ୍ରତିକୂଳ ଜଳବାୟୁ ପରିସ୍ଥିତି ଯେପରିକି କମ୍ ବର୍ଷା ଅଥବା ପ୍ରତିକୂଳ ଜଳବାୟୁ ସ୍ଥିତି ଗୁଡ଼ିକ କାରଣରୁ ଅଧିସୂଚିତ କ୍ଷେତ୍ରରେ ବୀମାକୃତ ଫସଲର ବ୍ୟାପ୍ତ ହୋଇଥିବା ବୁଣିବା/ରୋପଣରୁ ନିଷ୍ଫଳ ହୋଇଥାଏ ତେବେ ବୀମାକୃତ ଫସଲ ବୀମାକୃତ ରାଶିର ଅତିରିକ୍ତ 25% ପର୍ଯ୍ୟନ୍ତ କ୍ଷତିପୂରଣ ଦାବି କରିବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

I. ଆଚ୍ଛାଦନ : ପ୍ରାଥମିକ ଚରଣରେ ଅଧିସୂଚିତ ଏକକରେ ବୁଣା ଯାଇଥିବା 75%ରୁ ଅଧିକ କ୍ଷେତ୍ରରେ ଫସଲ ଗୁଡ଼ିକୁ ପ୍ରଭାବିତ କରୁଥିବା ବିପଦ ଗୁଡ଼ିକର ବ୍ୟାପକ ଘଟଣା, ଯେଉଁଥିରୁ ଫସଲର ସମ୍ପୂର୍ଣ୍ଣ କ୍ଷତି ଅଥବା କୃଷକ ଫସଲ ବୁଣିବା ଅଥବା ପ୍ରତ୍ୟାରୋପଣର ସ୍ଥିତିରେ ରହିନଥାଏ (ଅଥବା) କମ୍ ଅଥବା ଅତିରିକ୍ତ ବର୍ଷା କାରଣରୁ ଫସଲ ବୁଣିବା ଅଥବା ଗଜା ହୋଇ ପାରିନଥାଏ; ଏହିସବୁ କ୍ଷେତ୍ରରେ କୃଷକଙ୍କ ଉପରେ ଆଚ୍ଛାଦନ ଲାଗୁ ହୋଇଥାଏ ।

HDFC ERGO General Insurance Company Limited(Formerly HDFC General Insurance Limited).Registered & Corporate Office: 1stFloor, HDFC House, 165-166 Backbay Reclamation, H. T. Parekh Marg, Churchgate, Mumbai – 400020. Customer Service Address:D-301, 3rd Floor, Eastern Business District (Magnet Mall), LBS Marg, Bhandup (West),Mumbai - 400 078. Customer Service No: 022 - 6234 6234 / 0120 - 6234 6234 | care@hdfcergo.com | www.hdfcergo.com. For more details on the risk factors, terms and conditions, please read the sales brochure/ prospectus before concluding the sale. Trade Logo displayed above belongs to HDFC Ltd and ERGO International AG and used by the Company under license.CIN: U66030MH2007PLC177117. IRDAI Reg. No.146.

**II.** ପାତ୍ରତା ମାପଦଣ୍ଡ **:**

କେବଳ ସେହି କୃଷକମାନେ ଯେଉଁମାନେ ପ୍ରିମିୟମ ପୈଠ କରି ସାରିଛନ୍ତି / କ୍ଷତି ହେବା ପୂର୍ବରୁ ସେମାନଙ୍କ ଖାତାରୁ ପ୍ରିମିୟମ ପୈଠ ହୋଇ ସାରିଥିବ |

ରାଜ୍ୟ ସରକାର ମୌସୁମୀର ପ୍ରାରମ୍ଭରେ 15ଦିନ ମଧରେ ଅଧିସୂଚିତ ବୀମାକୃତ ଏକକ ଏବଂ ଫସଲ ଗୁଡ଼ିକ ସାମାନ୍ୟ ବୁଣିବା କ୍ଷେତ୍ରଫଳ ଉପଲବ୍ଧ କରାଇବେ |

"ବାଧାପ୍ରାପ୍ତ ବୁଣିବା/ରୋପଣ"ର ସମସ୍ତ ପୈଠ ହେବ ଯେତେବେଳେ ଅଧିସୂଚିତ ଫସଲ ପାଇଁ 75%ରୁ ଅଧିକ ବୁଣା ଯାଇଥିବା କ୍ଷେତ୍ର ଉପରୋକ୍ତ କୌଣସି ବି ବିପଜ୍ଜନକ ଘଟଣା ପାଇଁ ବୁଣା ଯାଇ ପାରିନାହିଁ |

III. କ୍ଷତି ଆକଳନ ପ୍ରକ୍ରିୟା :

- ପ୍ରମୁଖ ଫସଲ ପାଇଁ କେବଳ ଆଚ୍ଛାଦନ ଉପଲବ୍ଧ ହେବ |
- ସମୁଦାୟ ବୀମା ରାଶିର 25% ପୈଠ କରାଯିବ ଏବଂ ଏହାପରେ ପଲିସି ସମାପ୍ତ କରି ଦିଆଯିବ |

ଧ୍ୟାନ ଦିଅନ୍ତୁ : ବୀମା କମ୍ପାନୀ ରାଜ୍ୟ ସରକାରଙ୍କର ଅଧିସୂଚନା / ଅର୍ଡର ର 30 ଦିନ ଭିତରେ ଦାବି କୁ ଖାରଜ କରିଦେବ, ଏହି କଭର ଅନ୍ତର୍ଗତ ପେ-ଆଉଟ୍ ର ବୀମା କମ୍ପାନୀ ଦ୍ଵାରା ପ୍ରିମିୟମ ସବସିଡି ର ଅନ୍ତିମ ସରକାରୀ ଅଂଶ ର ପ୍ରାପ୍ତି ପାଇଁ ଅପେକ୍ଷା ନ କରି କରାଯିବ।

ଖ. **<u>ପାଚିଲା ଫସଲ (ବୁଣିବା ଠାରୁ କାଟିବା)</u>** : ଆୟତରେ ରହୁନଥିବା ବିପଦ ଗୁଡ଼ିକ ଯେପରିକି ଦୁର୍ଭିକ୍ଷ, ଦୀର୍ଘକାଳୀନ ଦୁର୍ଭିକ୍ଷ ଅବଧି, ବଢ଼ି, ଜଳପ୍ଲାବନ କୀଟ ଏବଂ ରୋଗ, ଭୂସ୍ଖଳନ, ପ୍ରାକୃତିକ ଅଗ୍ନିକାଣ୍ଡ ଏବଂ ବିଜୁଳି ପଡ଼ିବା, ତୋଫାନ, କୁଆପଥର ବର୍ଷା, ଚକ୍ରବାତ, ଘୂର୍ଣ୍ଣିବାତ୍ୟା, ପବନ ଏବଂ ସାମୁଦ୍ରିକ ଝଡ଼ କାରଣରୁ ଉତ୍ପାଦନ କ୍ଷତିକୁ ଆଚ୍ଛାଦନ କରିବା ପାଇଁ ବ୍ୟାପକ ବିପଦ ବୀମା ପ୍ରଦାନ କରା ଯାଇଥାଏ |

I. ଜମାଖାତାରେ ପୈଠ : ପାଚିଲା ଫସଲ ପାଇଁ ମଧ୍ୟବର୍ତ୍ତୀ ପ୍ରତିକୂଳ ସ୍ଥିତି ଗୁଡ଼ିକର ଦାବି ପାଇଁ ଜମାଖାତାରେ ପୈଠ ସେତେବେଳେ କରା ଯାଇଥାଏ, ଯଦି ବଢ଼ି, ଦୀର୍ଘକାଳୀନ ଦୁର୍ଭିକ୍ଷ ଅବଧି, ସାଂଘାତିକ ଦୁର୍ଭିକ୍ଷ ଇତ୍ୟାଦିରେ, ଯେଉଁଠି ଆନୁମାନିକ ଉତ୍ପାଦନ 50%ରୁ କମ୍ ହୋଇଥାଏ |

II. କୃଷକଙ୍କ ପାଇଁ ଯୋଗ୍ୟତା ମାପଦଣ୍ଡ : ଯେଉଁମାନେ ପ୍ରିମିୟର ପୈଠ କରି ସାରିଛନ୍ତି ଅଥବା କ୍ଷତି ପୂର୍ବରୁ ଯେଉଁ ମାନଙ୍କର ଖାତାରୁ ପ୍ରିମିୟମ ପୈଠ ହୋଇ ସାରିଥାଏ |

ଟିପ୍ପଣୀ:

1. ଯଦି ସାମାନ୍ୟ ଫସଲର କାଟିବାର ସଠିକ ସମୟର 15 ଦିନ ପୂର୍ବରୁ ବିପତ୍ତି ପଡ଼ିଥାଏ | ତେବେ ଏହି ନିୟମ ଲାଗୁ କରାଯିବ ନାହିଁ |

2. ପ୍ରୋକ୍ସି ଇଣ୍ଡିକେଟରର ଆଧାରରେ କ୍ଷତି ଅଧିସୂଚନା ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟମ ଲାଗୁ କରା ଯାଇଥାଏ |

III. କ୍ଷତି ଆକଳନ ପ୍ରକ୍ରିୟା :

ମିଳିତ ହାନି ଆକଳନ ସରକାରଙ୍କ ସହିତ କରା ଯାଇଥାଏ ଏବଂ ଯଦି ଲାଗୁ ହୋଇଥାଏ ତେବେ ଅନ୍ ଆକାଉଣ୍ଟ ପେଠର ଗଣନା ନିମ୍ନ ଅନୁଯାୟୀ କରାଯିବ :

<u>(ପ୍ରତ୍ୟାଭୁତ ଉପଜ – ଅନୁମାନିତ ଉପଜ)</u> X ବୀମାକୃତ ରାଶି X 25%

ପ୍ରତ୍ୟାଭୁତ ଉପଜ

ଟିପ୍ପଣୀ : ଅନ୍ତିମ ଦାବି  ଗୁଡ଼ିକ ବିପକ୍ଷରେ ,ସମଯୋଜିତ ଅଧିନରେ ଅତିରିକ୍ତ ଦେୟ ରାଶି ସମ୍ଭାବିତ ଦାବିର 25% ହେବ |

IV. କ୍ଷତି ଆକଳନ ଏବଂ ରିପୋର୍ଟ ଜମା କରିବା ପାଇଁ ସମୟ ସୀମା :

କ୍ଷତି ର 7 ଦିନ ଭିତରେ ଖାତା ହାନି ବିବରଣୀ ର ପାତ୍ରତା ସରକାର ଦ୍ୱାରା ପ୍ରଦାନ କରାଯିବ। କ୍ଷତି ର ଆକଳନ କ୍ଷତି ପରେ 15 ଦିନ ଭିତରେ ପୁରା କରାଯିବ। ଅନ୍ ଆକାଉଣ୍ଟ ପେମେଣ୍ଟ ଯୋଜନାର ନିର୍ଦ୍ଦେଶାବଳୀ ଅନୁସାରେ ସରକାର ଦ୍ୱାରା ଅନ୍ତିମ ସେୟାର ର ସବସିଡି (ଦ୍ୱିତୀୟ କିସ୍ତି) କୁ ଅପେକ୍ଷା ନ କରି ବୀମା କମ୍ପାନୀ ଦ୍ୱାରା ବିତରିତ କରାଯିବ।

C. ଫସଲ – କଟା ହେବା ପରେ କ୍ଷତି : ଆଚ୍ଛାଦନ ଅତିରିକ୍ତ 2 ସପ୍ତାହ ପର୍ଯ୍ୟନ୍ତ ଉପଲବ୍ଧ ହୋଇଥାଏ, କେବଳ ସେହି ଫସଲ ଗୁଡ଼ିକ ପାଇଁ ଯାହା କଟା ଯିବାର ଯେଉଁଗୁଡ଼ିକ ଚକ୍ରବାତ, ଏବଂ ଚକ୍ରବାତ ବର୍ଷା ଏବଂ ଅଦିନିଆ ବର୍ଷା ଦ୍ୱାରା ଆସିଥିବା ବିଶିଷ୍ଟ ବିପଦ ଗୁଡ଼ିକ ବିପକ୍ଷରେ ଫସଲ କାଟିବା ପରେ ଜମିକୁ ଶୁଖାଇବା ଏବଂ ବିଛାଇବା ପାଇଁ ରଖା ଯାଇଥାଏ | ଚକ୍ରବାତ, ଚକ୍ରବାତ ବର୍ଷା ଏବଂ ସମଗ୍ର ଦେଶରେ

ଅନିୟମିତ ବର୍ଷା କାରଣରୁ ଜମିରେ "କଟା ହେବା ଏବଂ ବିଛାଇବା ସ୍ଥିତିରେ" ପରେ କଟା ଯାଇଥିବା ଫସଲରେ କ୍ଷତି ପହଁଚିଥାଏ |

I. ସମଗ୍ର ଦେଶରେ ଚକ୍ରବାତ, ଚକ୍ରବାତ ବର୍ଷା ଏବଂ ଅନିୟମିତ ବର୍ଷା କାରଣରୁ "କଟା ହେବା ଏବଂ ବିଛାଇବା ସ୍ଥିତିରେ" ଯାହାର ପରିଣାମ ସ୍ୱରୂପ କଟା ଯାଇଥିବା ଫସଲରେ କ୍ଷତି ହୋଇଥାଏ, କାଟିବା ତାରିଖଠାରୁ ଶୁଖିବାର ଉଦ୍ଦେଶ୍ୟଠାରୁ ଅତିରିକ୍ତ ଅବଧି 2 ସପ୍ତାହ (14 ଦିନ) ଅଟେ |

II. ପାତ୍ରତା ମାପଦଣ୍ଡ :

କେବଳ ସେହି କୃଷକ ଯେଉଁମାନେ ପ୍ରିମିୟମ ପୈଠ କରିଥାନ୍ତି /କ୍ଷତି ହେବା ପୂର୍ବରୁ ସେମାନଙ୍କର ଖାତାରୁ ପ୍ରିମିୟମ ପୈଠ ହୋଇ ସାରିଥାଏ |

କଟାହେବାର 14 ଦିନ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ ବିପଦରୁ କ୍ଷତି ହୋଇଥାଏ |

III. କ୍ଷତି ଆକଳନ ପ୍ରକ୍ରିୟା :

କ୍ଷତି ହେବା ପରେ କୃଷକ 72 ଘଣ୍ଟା ମଧ୍ୟରେ ଆମର କଲ୍ ସେଣ୍ଟର ନମ୍ବର 1800 266 0700ରେ ସୂଚନା ଉପଲବ୍ଧ କରିବେ ଏବଂ ସୂଚନାରେ ଖସଡ଼ା ସଂଖ୍ୟା-ବୀମାକୃତ ଫସଲ ଏବଂ ପ୍ରଭାବିତ କ୍ଷେତ୍ରର ବିବରଣୀ ପ୍ରଦାନ କରିବେ |

କୃଷକମାନେ ପରେ ଦାବିର ପୈଠ ପାଇଁ ଜରୁରୀ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ସହିତ ଭରା ଯାଇଥିବା ଫର୍ମକୁ ଦାଖଲ କରିବେ |

କ୍ଷତି ଆକଳନକର୍ତ୍ତାଙ୍କ ନିଯୁକ୍ତି କରାଯିବ  ଏବଂ ଆକଳନ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପନ କରାଯିବ, ଯାହା ପରେ ଯୋଜନା ମୂଲ୍ୟାଙ୍କନ ଦିଶାନିର୍ଦ୍ଦେଶ ଅନୁଯାୟୀ ପ୍ରିମିୟମର ପ୍ରାପ୍ତି ଅଧିନରେ, କ୍ଷତି ମୂଲ୍ୟାଙ୍କନ ଆଖ୍ୟାକୁ ଅନ୍ତିମ ରୂପ ଦେବା ପରେ ଦାବି ସମାପ୍ତ କରାଯିବ |

ଘ. ସ୍ଥାନୀୟ ବିପତ୍ତି : ଅଧିସୂଚିତ କ୍ଷେତ୍ରରେ ଅଲଗା ଜମିକୁ ପ୍ରଭାବିତ କରୁଥିବା, ସ୍ଥାନୀୟକୃତ ବିପଦ କୁଆପଥର ବର୍ଷା, ଭୂସ୍ଖଳନ, ଏବଂ ପାଣି ପଶିବା ଆଦି ଘଟଣାରୁ ହେଉଥିବା ହାନି/କ୍ଷତି |

I. ଯଦି ଫସଲର କ୍ଷତି କୌଣସି ବି ସ୍ଥାନୀୟକୃତ ବିପଦ/ବିପତ୍ତି ଯେପରିକି ଭୂସ୍ଖଳନ, କୁଆପଥର ବର୍ଷା ଏବଂ ଜଳ ପଶିବା ଆଦି କାରଣରୁ ହୋଇଥାଏଯାହା ଏକ ଅଧିସୂଚିତ ଏକକ ଅଥବା ଏକ ଭୂଖଣ୍ଡକୁ ପ୍ରଭାବିତ କରିଥାଏ ତେବେ କୃଷକ ସ୍ଥାନୀୟକୃତ ବିପତ୍ତି ପାଇଁ ଦାବି କରିବାକୁ ହକଦାର ଅଟନ୍ତି |

II. ପାତ୍ରତା ମାପଦଣ୍ଡ : କେବଳ ସେହି କୃଷକ ଯେଉଁମାନେ ପ୍ରିମିୟମର ପୈଠ କରି ସାରିଥାନ୍ତି/ କ୍ଷତି ହେବା ପୂର୍ବରୁ ସେମାନଙ୍କର ଖାତାରୁ ପ୍ରିମିୟମ ପୈଠ ହୋଇ ସାରିଥାଏ, ସେମାନେ ଦାବି କରିପାରିବେ |

ଟିପ୍ପଣୀ : ବୀମାକୃତ ରାଶିର ଅଧିନରେ, ଅତିରିକ୍ତ ପୈଠ ନିବେଶ ଶତକଡ଼ା ଅନୁପାତରେ ହେବ, ଯାହା ବୀମାକୃତ ବିପଦର ଘଟଣା ପର୍ଯ୍ୟନ୍ତ ହୋଇଥାଏ |

ଯୋଜନା ର ନିୟମାବଳୀ ଅନୁଯାୟୀ ବୀମା କମ୍ପାନୀ ଦ୍ୱାରା ଆଚ୍ଛାଦନ ଅନ୍ତର୍ଗତ ପେଆଉଟ୍ କେବଳ ରାଜ୍ୟ ସରକାରଙ୍କର ପ୍ରୀମିୟମ୍ ସବଷୀଡ୍ ର ଅନ୍ତତଃ ପ୍ରଥମ କିସ୍ତି ପ୍ରାପ୍ତ ହବା ପରେ ବଣ୍ଟନ କରାଯିବ।

III. କ୍ଷତି ଆକଳନ ପ୍ରକ୍ରିୟା :

କ୍ଷତି ହେବା ପରେ କୃଷକ 72 ଘଣ୍ଟା ମଧ୍ୟରେ ଆମର କଲ୍ ସେଣ୍ଟର ନମ୍ବର 1800 266 0700ରେ ସୂଚନା ଉପଲବ୍ଧ କରିବେ ଏବଂ ସୂଚନାରେ ଖସଡ଼ା ସଂଖ୍ୟା-ବୀମାକୃତ ଫସଲ ଏବଂ ପ୍ରଭାବିତ କ୍ଷେତ୍ରର ବିବରଣୀ ପ୍ରଦାନ କରିବେ |

କୃଷକମାନେ ପରେ ଦାବିର ପୈଠ ପାଇଁ ଜରୁରୀ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ସହିତ ଭରା ଯାଇଥିବା ଫର୍ମକୁ ଦାଖଲ କରିବେ |

କ୍ଷତି ଆକଳନକର୍ତ୍ତାଙ୍କ ନିଯୁକ୍ତି କରାଯିବ  ଏବଂ ଆକଳନ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପନ କରାଯିବ, ଯାହା ପରେ ଯୋଜନା ମୂଲ୍ୟାଙ୍କନ ଦିଶାନିର୍ଦ୍ଦେଶ ଅନୁଯାୟୀ ପ୍ରିମିୟମର ପ୍ରାପ୍ତି ଅଧିନରେ, କ୍ଷତି ମୂଲ୍ୟାଙ୍କନ ଆଖ୍ୟାକୁ ଅନ୍ତିମ ରୂପ ଦେବା ପରେ ଦାବି ସମାପ୍ତ କରାଯିବ |

ଟିପ୍ପଣୀ: ଯୁଦ୍ଧ, ପରମାଣୁ ପରୀକ୍ଷା, ଦୁର୍ଭାଗ୍ୟବଶତଃ କ୍ଷତି ଏବଂ ରୋକା ଯାଇ ପାରୁଥିବା ବିପଦରୁ ସମ୍ପୂର୍ଣ୍ଣ ହେଉଥିବା କ୍ଷତି ପ୍ରାପ୍ୟଯୋଗ୍ୟ ନୁହେଁ |

ଦାବି ଫର୍ମ ଡାଉନଲୋଡ କରନ୍ତୁ – ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖ :

ଉପରୋକ୍ତ ଉଲ୍ଲେଖିତ ଘଟଣା ଗୁଡ଼ିକରୁ ଉତ୍ପୂର୍ଣ୍ଣ ହେଉଥିବା କୌଣସି କ୍ଷତି ପାଇଁ, କୃଷକମାନେ ଆମ କମ୍ପାନୀକୁ ସମ୍ପର୍କ କରିବା ଉଚିତ ତଥା ସର୍ବେକ୍ଷଣ ସଂଖ୍ୟା – ବୀମାକୃତ ଫସଲ ଏବଂ ପ୍ରଭାବିତ କ୍ଷେତ୍ର ତଥା ବ୍ୟାଙ୍କ/ମଧ୍ୟସ୍ଥ/ସିଏସସି କେନ୍ଦ୍ରକୁ ଦିଆ ଯାଇଥିବା ପ୍ରିମିୟମ ପୈଠ ସତ୍ୟାପନ ବିବରଣ ସହିତ ହୋଇଥିବା ଘଟଣାର 72 ଘଣ୍ଟା ମଧ୍ୟରେ କ୍ଷତିର ସୂଚନା ଦେବା ଉଚିତ |

ସ୍ଥାନୀୟ ସମାଚାର ପତ୍ରର କଟିଙ୍ଗ ଏବଂ ଅନ୍ୟ ଉପଲବ୍ଧ ସାକ୍ଷୀଯାହା କ୍ଷତି ଏବଂ କ୍ଷତିର ଗମ୍ଭୀରତାକୁ ପ୍ରମାଣିତ କରିବା ପାଇଁ ଯଦି ଲାଗୁ ହେଉଥାଏ, ତାକୁ ମଧ୍ୟ ପ୍ରଦାନ କରିବା ଉଚିତ|

1. କୃଷକ 1800 266 0700 ଟୋଲ ଫ୍ରୀ ନମ୍ବର ସହାୟତାରେ ଆମ ପାଖରେ ପହଁଚି ପାରିବେ ଏବଂ ଯେପରି କ୍ଷତି ହୋଇଛି ତାହା ସୂଚିତ କରି ପାରିବେ |

2. କୃଷକ ଜିଲ୍ଲା କୃଷି କାର୍ଯ୍ୟାଳୟ  ପର୍ଯ୍ୟନ୍ତ ମଧ୍ୟ ଯାଇପାରିବେ ଏବଂ ଆମର ପ୍ରତିନିଧିଙ୍କୁ ଜିଲ୍ଲା କୃଷି ଅଧିକାରୀ (ଡିଏଓ) କାର୍ଯ୍ୟାଳୟ ଦ୍ଵାରା ସୂଚିତ କରାଯିବ |
3. କୃଷକ ନିଜ ସମ୍ବନ୍ଧିତ ବ୍ୟାଙ୍କ ପର୍ଯ୍ୟନ୍ତ ମଧ୍ୟ ଯାଇ ପାରିବେ |

HDFC ERGO General Insurance Company Limited(Formerly HDFC General Insurance Limited).Registered & Corporate Office: 1stFloor, HDFC House, 165-166 Backbay Reclamation, H. T. Parekh Marg, Churchgate, Mumbai – 400020. Customer Service Address:D-301, 3rd Floor, Eastern Business District (Magnet Mall), LBS Marg, Bhandup (West),Mumbai - 400 078. Customer Service No: 022 - 6234 6234 / 0120 - 6234 6234 | care@hdfcergo.com | www.hdfcergo.com. For more details on the risk factors, terms and conditions, please read the sales brochure/ prospectus before concluding the sale. Trade Logo displayed above belongs to HDFC Ltd and ERGO International AG and used by the Company under license.CIN: U66030MH2007PLC177117. IRDAI Reg. No.146.